# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 09th February - 2026

*********************************

***Desk***

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣର ଦ୍ୱିତୀୟ ଭାଗରେ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବେ । ଆଜି ପୂର୍ବାହ୍ନ ୧୦ଟାରେ ଏହି କାର୍ଯ୍ୟକ୍ରମ ବିଭିନ୍ନ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ବୋର୍ଡ଼ ପରୀକ୍ଷା ପାଖେଇ ଆସୁଥିବାବେଳେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଚାପମୁକ୍ତ ପରୀକ୍ଷା ପ୍ରସ୍ତୁତି, ସମୟ ପରିଚାଳନା ଏବଂ ଆତ୍ମବିଶ୍ୱାସ ସୃଷ୍ଟି ଦିଗରେ ପରାମର୍ଶ ଦେବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ତାମିଲନାଡୁର କୋଏମ୍ବାଟୁର, ଛତିଶଗଡ଼ର ରାୟପୁର, ଗୁଜରାଟର ଦେବମୋଗ୍ରା ଏବଂ ଆସାମର ଗୁଆହାଟୀରେ ପରୀକ୍ଷା ଯୋଦ୍ଧାମାନେ ସାମିଲ୍ ହେବେ ।

ଏହି କାର୍ଯ୍ୟକ୍ରମରେ ଭାଗ ନେବାପାଇଁ ୪ କୋଟି ୫୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ପଞ୍ଜୀକରଣ କରିଛନ୍ତି । ଆଜିର ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଦୂରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍, କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲ୍, ୱେଭ୍‌ସ ଓ.ଟି.ଟି.,

ଆମାଜନ ପ୍ରାଇମ୍ ଭିଡ଼ିଓ, ଜିଓ, ଜି-ଫାଇଭ୍, ସୋନୀ ଲାଇଭ୍ ଏବଂ ସ୍ପୋର୍ଟିଫାଏରେ ପ୍ରସାରଣ କରାଯିବ ।

*Desk*

## କଳିଙ୍ଗ ମହୋତ୍ସବ

ଧଉଳି କଳିଙ୍ଗ ମହୋତ୍ସବ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ଗତସନ୍ଧ୍ୟାରେ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ ବୁଦ୍ଧ ସମ୍ମାନ ଓ ପୂର୍ବତନ କୂଟନୀତିଜ୍ଞ ଲଳିତ ମାନସିଂହଙ୍କୁ ସ୍ୱର୍ଣ୍ଣସ୍ମାରକୀ ସମ୍ମାନ ପ୍ରଦାନ କରିଥିଲେ ।

*Desk*

## ଯୁକ୍ତ ଦୁଇ ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ । ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ୨୩ଟି ସିଟିଂରେ ୧ ହଜାର ୩୫୭ଟି ପରୀକ୍ଷା କେନ୍ଦ୍ରରେ ୧ ହଜାର ୯୦୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ ଲକ୍ଷ ୧ ହଜାର ୬୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଚଳିତ ବର୍ଷ ପରୀକ୍ଷା କେନ୍ଦ୍ର ଭିତରକୁ ଇଲୋକ୍ଟ୍ରୋନିକ୍ସ ଉପକରଣ

ସମ୍ପୂର୍ଣ୍ଣ ବାରଣ କରାଯାଇଥିବାବେଳେ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ମଧ୍ୟ ଏହି ନିୟମ ଲାଗୁ ହେବ ବୋଲି ଜଣାପଡ଼ିଛି ।

***Desk***

# ନୀଟ୍ - ୟୁ.ଜି. ଆବେଦନ

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାପାଇଁ ଜାତୀୟ ଯୋଗ୍ୟତା ପରୀକ୍ଷା ନୀଟ୍-ୟୁ.ଜି. ଆସନ୍ତା ମଇ ମାସ ୩ ତାରିଖରେ ଅନୁଷ୍ଠିତ ହେବ । ଏହି ପରୀକ୍ଷାପାଇଁ ଗତକାଲିଠାରୁ ଅନ୍‌ଲାଇନ୍ ଆବେଦନ ଆରମ୍ଭ ହୋଇଛି । ଓଡ଼ିଆ ସମେତ ୧୩ଟି ଆଞ୍ଚଳିକ ଭାଷାରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ପାଇଁ ମାର୍ଚ୍ଚ ମାସ ୮ ତାରିଖ ଆବେଦନର ଶେଷ ତାରିଖ ରହିଛି । neet.nta.nic.in ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ପରୀକ୍ଷାର୍ଥୀମାନେ ଏ ସମ୍ପର୍କିତ ସମସ୍ତ ତଥ୍ୟ ପାଇପାରିବେ ।

***Ganjam/R***

# ଅପରେସନ ଅନ୍ୱେଷଣ

ଅପରେସନ ଅନ୍ୱେଷଣ ଅଧୀନରେ ଗଞ୍ଜାମ ଜିଲ୍ଲାରେ ୯ ଦିନ ମଧ୍ୟରେ ୧୧୨ ଜଣଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସେମାନଙ୍କ ମଧ୍ୟରେ ୯୦ ଜଣ ମହିଳା, ୧୮ ଜଣ ନାବାଳିକା ଓ ୪ ଜଣ ନାବାଳକ ଅଛନ୍ତି । ସୂଚନା ଅନୁଯାୟୀ, ଭଞ୍ଜନଗରରୁ ୩୧

ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ବେଲଗୁଣ୍ଠାରୁ ୧୨, ବୁଗୁଡ଼ାରୁ ୧୫, ଗାଙ୍ଗପୁରରୁ ୧୭ ଓ ତାରାସିଂ ଅଞ୍ଚଳରୁ ୨୬ ଜଣଙ୍କୁ ଉଦ୍ଧାର କରାଯାଇଛି ।

*Puri/R*

## ଭାରତ-ଜାପାନ ବନ୍ଧୁତ୍ୱ ମହୋତ୍ସବ

ପୁରୀ ତାଳବଣିଆ ପଡ଼ିଆଠାରେ ଭାରତ-ଜାପାନ ବନ୍ଧୁତ୍ୱ ଓ ଚନ୍ଦ୍ରଶେଖର ଏକାଡେମୀ ପକ୍ଷରୁ ଆୟୋଜିତ ଦୁଇଦିନିଆ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉଭୟ ଦେଶର ସାଂସ୍କୃତିକ ବୈଭବ ପ୍ରଦର୍ଶିତ ହୋଇଥିଲା । ମହୋତ୍ସବରେ ଜାପାନର ୨୩ଟି ଷ୍ଟଲ୍‌ରେ ସେଠାକାର ଖାଦ୍ୟ, ଶିକ୍ଷା ଓ କୃଷି ବିଜ୍ଞାନ ସମ୍ପର୍କିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।

*Kendrapara/R*

## ଜାତୀୟ କୃମିନାଶକ ଦିବସ

କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତାକାଲି ଜାତୀୟ କୃମିନାଶକ ଦିବସ ଅନୁଷ୍ଠିତ ହେବ । ଏଥିରେ ୧ରୁ ୧୯ ବର୍ଷର ପିଲା ଏବଂ ୨୦ରୁ ୨୪ ବର୍ଷର ମହିଳାମାନେ କୃମିନାଶକ ଔଷଧ ସେବନ କରିବେ । ଜିଲ୍ଲାର ସରକାରୀ ଓ ବେସରକାରୀ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ମୋଟ୍ ୩ ଲକ୍ଷ ୩୫ ହଜାର ୭୧୮ ଜଣ ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବ ।

*Jharsuguda/R*

# ସୁନ୍ଦରଗଡ଼ ମହୋତ୍ସବ

ସୁନ୍ଦରଗଡ଼ ଯତରା ପଡ଼ିଆଠାରେ ସୁନ୍ଦରଗଡ଼ ମହୋତ୍ସବ ଆରମ୍ଭ ହୋଇଛି । କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍, ବିଧାନସଭା ଉପବାଚସ୍ପତି ଭବାନୀଶଙ୍କର ଭୋଇ ପ୍ରମୁଖ ଯୋଗଦେଇ ଭୋକାଲ୍ ଫର୍ ଲୋକାଲ୍ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଏକ ମଶାଲ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

*Nuapada/R*

# ଖଡ଼ିଆଳ ମହୋତ୍ସବ

ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାରେ ଚାଲିଥିବା ପାଞ୍ଚଦିନିଆ ଖଡିଆଳ ମହୋତ୍ସବ ଗତସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଏହି ମହୋତ୍ସବ ସ୍ଥାନୀୟ ଲୋକସଂସ୍କୃତିର ଅନନ୍ୟ ପ୍ରଦର୍ଶନ ବୋଲି କହିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

*Bhadrak/R*

## ତିହିଡ଼ି ମହୋତ୍ସବ

ଭଦ୍ରକ ଜିଲ୍ଲା ତିହିଡି ମହୋତ୍ସବକୁ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ଗତସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି । ତିହିଡ଼ି ମାଟିର ସୁଯୋଗ୍ୟ ସନ୍ତାନ ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କୁ ସ୍ମରଣ କରି ତିହିଡ଼ି ବ୍ଲକ୍‌ର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଉଥିବା ମନ୍ତ୍ରୀ ଶ୍ରୀ ସୂରଯ କହିଛନ୍ତି । ମହେତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

*Desk*

## ଅବକାରୀ କ୍ରୀଡ଼ା ସମାରୋହ

କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମ୍‌ରେ ଚାଲିଥିବା ୫୧ତମ ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ ଉଦ୍‌ଯାପିତ ହୋଇଛି । ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ସିପାହି ଦିଲୀପ କୁମାର ସାମନ୍ତ ପୁରୁଷ ବର୍ଗରେ ଏବଂ ଅବକାରୀ ଗୁଇନ୍ଦା ସଂସ୍ଥାରେ କାର୍ଯ୍ୟରତ ରୋଜାଲିନ୍ ବେହେରା ମହିଳା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଜିଲ୍ଲା ବର୍ଗରେ ମୟୂରଭଞ୍ଜ ଚାମ୍ପିୟାନ୍ ହୋଇଥିବାବେଳେ ନବରଙ୍ଗପୁର ଦ୍ୱିତୀୟ ସ୍ଥାନ ଅଧିକାର କରିଛି ।

*Desk*

# ବି.ସି.ସି.ଆଇ. ମହିଳା ଟ୍ରଫି

ବି.ସି.ସି.ଆଇ. ଘରୋଇ ସିନିୟର ମହିଳା ଦିନିକିଆ ଟ୍ରଫିରେ ଓଡ଼ିଶା ୧୦୬ ରନ୍‌ରେ ଆସାମକୁ ପରାସ୍ତ କରିଛି । ଗୁଜରାଟର ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୪ ୱିକେଟ୍‌ରେ ୨୭୮ ରନ୍ ସଂଗ୍ରହ କରିଥିବାବେଳେ ଆସାମ ୪୭ ଓଭର୍ ୫ଟି ବଲ୍‌ରେ ସମସ୍ତ ୱିକେଟ ହରାଇ ୧୭୨ ରନ୍ କରିବାକୁ ସକ୍ଷମ ହୋଇଥିଲା ।

*Desk*

# ପାଣିପାଗ

ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୬ଟି ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫ ଦଶମିକ ୬ ଡିଗ୍ରୀ ହୋଇଥିବା ରେକର୍ଡ଼ କରାଯାଇଛି । ଆସନ୍ତା ୪ରୁ ୫ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି ।

*****